ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୫ ଫେବୃୟାରୀ, ୨୦୨୩



# ବିଷମକଟକ-ଥେରୁବାଲି ମୁଖ୍ୟରାସ୍ତାରେ ବଢ଼ୁଛି ଡକାୟତି

■ ଟାର୍ଗେଟରେ ଯାନବାହନ
■ ପୋଲିସର ସ୍ଥାଣୁତାକୁ ନେଇ ବଢ଼ୁଛି ଅସନ୍ତୋଷ

ରାୟଗଡ଼ା,୪।୨(ସ୍ୱ.ପ୍ର.)

ରାୟଗଡ଼ା ଜିଲାର ବିଭିନ୍ନ ଅଞ୍ଚଳରେ ଚୋରି ଓ ଲୁଟତରାଜ ବଢ଼ୁଛି। ସେହିପରି ବିଷମକଟକ-ଥେରୁବାଲି ମୁଖ୍ୟରାସ୍ତାରେ ଏବେ ଡକାୟତି ମଧ ଆରମ୍ଭ ହେଲାଣି। ଜିଲାରେ ପୋଲିସର ସ୍ଥାଣୁତା ଯୋଗୁ ଏଭଳି ଅପରାଧ ବୃଦ୍ଧିପାଉଛି ବୋଲି ଜନସାଧାରଣ ଏବଂ ବୁଦ୍ଧିଜୀବୀଙ୍କ ମହଲରେ ମତପ୍ରକାଶ ପାଇଛି।

ବିଷମକଟକ-ଥେରୁବାଲି ମୁଖ୍ୟରାସ୍ତାରେ ବୃନ୍ଦାବାଡ଼ି, ଡୁମୁରିଗୁଡ଼ା ଦିଗରେ ଯାତାୟାତ କରୁଥିବା ଟ୍ରକଗୁଡ଼ିକୁ ଡକାୟତମାନେ ଅଟକାଇ ଚାଳକଙ୍କ ନିକଟରୁ ମୋବାଇଲ ଓ ଟଙ୍କା ଲୁଟ କରୁଥିବା ଅଭିଯୋଗ ହେଉଛି। ଜାନୁୟାରୀ ୨୮ରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଏକ ଟ୍ରକ୍‌କୁ ଅଟକାଇ ଡ୍ରାଇଭରଙ୍କୁ ଭୟଭୀତ କରି ମୋବାଇଲ ଓ ଟଙ୍କା ନେଇ ଚମ୍ପଟ ମାରିଥିଲେ। ସେହିଭଳି ଶୁକ୍ରବାର ରାତି ପ୍ରାୟ ୮ଟା ବେଳେ ଉକ୍ତ ରାସ୍ତାଦେଇ ଯାତାୟାତ କରୁଥିବା ଏକ ଟ୍ୟାଙ୍କର(ଏନ୍‌ଏଲ୍ ୦୧ ଏଜି ୩୩୩୧)କୁ ଦୁର୍ବୃତ୍ତମାନେ ଅଟକାଇଥିଲେ। ଉକ୍ତ ଟ୍ରକ୍‌ର ଡ୍ରାଇଭର ଓ ହେଲପରଙ୍କ ଠାରୁ ମୋବାଇଲ ସହ ୯ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଡକାୟତି ପରେ ଉକ୍ତ ଗାଡ଼ି ଭାତପୁର ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ଠାରେ ଅଟକି ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କ ଫୋନ୍‌ରୁ ଗାଡ଼ି ମାଲିକ ରବି ସିଂଙ୍କୁ ଜଣାଇଥିଲେ। ରବି ଡ୍ରାଇଭରଙ୍କ ସହ କଥାବାର୍ତ୍ତା ହୋଇ ଟଙ୍କା ପଠାଇଥିଲେ। ଏ ନେଇ ଗାଡ଼ି ମାଲିକ ରବି ସିଂ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସହର ମଧ୍ୟରେ ବ୍ୟାପକ ଚୋରି, ଲୁଟ ଓ ରାହଜାନୀ ବଢ଼ୁଛି। ରାସ୍ତାରେ ଯିବା ଦିନରେ ମଧ ଚେନ୍ ଟାଣି ନେଉଥିବା ବାରମ୍ବାର ଅଭିଯୋଗ ହେଉଛି। ହେଲେ ପୋଲିସ ପକ୍ଷରୁ ପାଟ୍ରୋଲିଂ ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଅପରାଧ ନିୟନ୍ତ୍ରଣକୁ ଆସୁନାହିଁ ବୋଲି ଲୋକଙ୍କ ମଧ୍ୟରେ ମତପ୍ରକାଶ ପାଉଛି। ଜିଲାରେ ପୋଲିସ କେବଳ ସଭାସମିତି, ଉତ୍ସବ ଓ ଭିଆଇପିଙ୍କ ସୁରକ୍ଷା ଦାୟିତ୍ୱରେ ରହୁଥିବାବେଳେ ଲୋକଙ୍କ ସୁରକ୍ଷାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ୨୦୨୨ ଫେବୃୟାରୀରୁ ୨୦୨୩ ଫେବୃାରୀ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ବଡ଼ଧରଣର ଚୋରି ନେଇ ଅଭିଯୋଗ ହୋଇଥିବାବେଳେ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କାହିଁକି କରୁନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚୋରି ଘଟଣାରେ ପୋଲିସ ତଦନ୍ତ କରିବା ସମୟରେ ଜନସାଧାରଣ ସଚେତନ ନୁହଁନ୍ତି, ପୋଲିସ କ'ଣ କରିବ ବୋଲି କୁହାଯାଉଛି। ଏମିତିକି କର୍ମଚାରୀ ଅଭାବ ଦର୍ଶାଯାଉଛି। ହେଲେ ପୋଲିସ ବିଭାଗର ଆବଶ୍ୟକତା କ'ଣ ବୋଲି ପ୍ରଶ୍ନ ଉଠୁଛି।

## ସଂକ୍ଷେପରେ

### ୭କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ରାୟଗଡ଼ା,୪।୨(ସ୍ୱ.ପ୍ର.)- ଅବକାରୀ ବିଭାଗ ରାୟଗଡ଼ା ରେଞ୍ଜ ପକ୍ଷରୁ ଚଢ଼ାଉ କରାଯାଇ କେରଡ଼ା ଗ୍ରାମରୁ ୭ କେଜି ଗଞ୍ଜେଇ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ କେରଡ଼ା ନିବାସୀ ଦିନବନ୍ଧୁ ରାଉତ(୪୪)। ଶନିବାର ସକାଳେ ରାୟଗଡ଼ା ରେଞ୍ଜ ଇନ୍ସପେକ୍ଟର ସୀମା କିରଣ ବେଗ୍‌ଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ବେଳେ ଦୀନବନ୍ଧୁ ଏକ ବସ୍ତାରେ କିଛି ନେଇ ଯାଉଥିବା ଦେଖିଥିଲେ। ସନ୍ଦେହ ହେବାରୁ ସେଠାରେ ଦୀନବନ୍ଧୁଙ୍କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏହି ସମୟରେ ବସ୍ତାରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଘଟଣାସ୍ଥଳରୁ ଗଞ୍ଜେଇ ଜବତ କରାଯିବା ସହ ଦୀନବନ୍ଧୁଙ୍କୁ ଗିରଫ କରାଯାଇଛି। ଏ ନେଇ ୧୩୭/୨୦୨୨-୨୩ରେ ଏକ ମାମଲା ରୁଜୁ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି। ହେଲେ ଦୀନବନ୍ଧୁ କେତେଦିନ ହେଲା ଗଞ୍ଜେଇ କାରବାର କରୁଥିଲେ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ଗୁଡାରୀ ଏସ୍‌ଏସଭିଏମର ବାର୍ଷିକ ଉତ୍ସବ



ଗୁଡ଼ାରୀ,୪।୨(ଡି.ଏନ୍.ଏ.)

ଗୁଡ଼ାରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବର୍ଷିକ ଉତ୍ସବ ଗୁରୁବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ସରମିତା ଶବର, ମୁଖ୍ୟବକ୍ତା ରୂପେ ରାୟଗଡ଼ା ଜିଲା ସଂଘ ବୌଦ୍ଧିକ ପ୍ରମୁଖ ପ୍ରଭାତ କୁମାର ମହାପାତ୍ର, ସମ୍ପାଦକ ପ୍ରଫୁଲ୍ଲ ଦେଓ, ଯୁଗ୍ମ ସମ୍ପାଦକ ନୀଳାମ୍ବର ଶବର, ଉପସଭାପତି ଗୋପୀନାଥ ଗୌଡ଼ ମଞ୍ଚାସୀନ ଥିଲେ। ଭଲ ପାଠ ପଢ଼ି ଭବିଷ୍ୟତରେ ଶିଶୁ ମନ୍ଦିରର ନାମ ବିଶ୍ୱ ଦରବାରରେ ପହଞ୍ଚାଇବା ନିମନ୍ତେ ଅତିଥିମାନେ ଉପସ୍ଥିତ କୁନି ପିଲାଙ୍କୁ କହିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିଶୁ ମନ୍ଦିରର ପୂର୍ବତନ ଛାତ୍ରୀ ସିମ୍ରନ୍ ବେହେରା ବ୍ଲକରେ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ ବୃତ୍ତି ଓ ନବୋଦୟ ପରୀକ୍ଷାରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦୁଗୁଡ଼ା, ଗୁଣପୁର, ଡମ୍ବସରା ଶିଶୁ ମନ୍ଦିରର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସମାଜକୁ ଦିଗ୍‌ଦର୍ଶନ ଦେଲା ଭଳି ନୃତ୍ୟ ସଙ୍ଗୀତ ଶିଶୁମାନେ ପରିବେଷଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

## ଚୋରି ମାମଲାରେ ଅଭିଯୁକ୍ତଙ୍କୁ ବର୍ଷେ ଜେଲ୍, ୨ ଖଲାସ

ଗୁଣପୁର,୪।୨(ଡି.ଏନ୍.ଏ.)



ଅଭିଯୁକ୍ତ ସହଦେବ ବାଉରି।

ରାମନାଗୁଡ଼ା ବ୍ଲକ ଆଚପା ଗ୍ରାମର କୃଷ୍ଣଚନ୍ଦ୍ର ସାହୁଙ୍କ ଘରୁ ୨୦୨୨ ଜୁଲାଇ ୨୦ରେ ୪୦ ତୋଳା ସୁନା ସହ ନଗଦ ୧୬୦୦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସେହି ଗ୍ରାମର ବାପପୁଅ ସମେତ ୩ ଜଣ ଗିରଫ ହୋଇଥିଲେ। ଶନିବାର ଗୁଣପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏହାର ରାୟ ପ୍ରକାଶ ପାଇଛି। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦୁଇ ଜଣଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଥିବା ସରକାରୀ ଓକିଲ ସୁଜିତ୍ ପ୍ରଭା ପଟ୍ଟନାୟକ ସୂଚନା ଦେଇଛନ୍ତି। ଅଭିଯୁକ୍ତ ସହଦେବ ବାଉରିଙ୍କୁ ଦୋଷୀ ସାବ୍ୟସ୍ତ କରି ୧ବର୍ଷ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ଅନ୍ୟ ଦୁଇ ଅଭିଯୁକ୍ତ ଶ୍ୟାମ ବାଉରୀ ଏବଂ ଲକ୍ଷ୍ମୀ ନାରାୟଣ ବାଉରି ନିର୍ଦ୍ଦୋଶରେ ଖଲାସ ହୋଇଛନ୍ତି। ବିଚାରଣା ସମୟରେ ତଦନ୍ତ ଅଧିକାରୀଙ୍କ ସମେତ ୮ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସୂଚନାଯୋଗ୍ୟ, ଆଚପା ଗ୍ରାମର କୃଷ୍ଣଚନ୍ଦ୍ର ସାହୁ ୨୦୨୨ ଜୁଲାଇ୨୦ରେ ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ବ୍ରହ୍ମପୁର ଯାଇଥିଲେ। ଏହି ସମୟରେ ଘରୁ ଚୋରି ହୋଇଥିବା ଗାଁ ଲୋକେ ଖବର ଦେଇଥିଲେ। ଘରକୁ ଫେରିବା ପରେ ପ୍ରାୟ ୪୦ ତୋଳା ସୁନା ସହ ୧୬୦୦ ଟଙ୍କା ଚୋରି ହୋଇଥିବା ଜାଣିବା ପରେ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ପାଇବା ପରେ ସେହି ଗ୍ରାମର ଶ୍ୟାମ ବାଉରି ଏବଂ ତାଙ୍କ ଦୁଇପୁତ୍ର ସହଦେବ ଏବଂ ଲକ୍ଷ୍ମୀ ନାରାୟଣଙ୍କୁ ଗିରଫ କରିଥିଲେ। ପରେ ଶ୍ୟାମ ବାଉରି ଏବଂ ଲକ୍ଷ୍ମୀ ନାରାୟଣ ବାଉରୀ ଜାମିନରେ ଆସିଥିଲେ। ହେଲେ ସହଦେବଙ୍କୁ ଜାମିନ ମିଳି ନ ଥିବାରୁ ସେ ଗୁଣପୁର ଜେଲ ହାଜତରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ତଦନ୍ତ ସମୟରେ ସେମାନଙ୍କ ନିକଟରୁ ୪୦ ତୋଳା ସୁନା ସହ ୧୧୦୦ ଟଙ୍କା ପୋଲିସ ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତଙ୍କ ପାଇଁ ଷ୍ଟେନ୍ ଡିଫେନ୍ସ ଭାବେ ଭାଗୀରଥୀ ବାଙ୍ଗାରି ଏବଂ ସରକାରୀ ଓକିଲ ଭାବେ ଦେବୀ ପ୍ରସାଦ ଆଚାର୍ଯ୍ୟ, ସୁଜିତ ପ୍ରଭା ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

## ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ରାୟଗଡ଼ା ଅଫିସ,୪।୨

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ସମ୍ମାନିତ ଅତିଥି ରୂପେ ରାୟଗଡ଼ା ନଗରପାଳ ମହେଶ ପଟ୍ଟନାୟକ ଉପସ୍ଥିତ ରହି କୃତୀ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶନ୍ନ କୁମାର ଗନ୍ତାୟତ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏହି ପ୍ରତିଯୋଗିତାରେ ଉଚ୍ଚ ମାଧ୍ୟମିକ, ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୯୬ ଜଣ କୃତୀତ୍ୱ ହାସଲ କରିଥିଲେ। ଉଚ୍ଚ ମାଧ୍ୟମିକ ଶ୍ରେଣୀର ବାଳକ ବିଭାଗରେ ଶିବ ମିନିୟାକା, ବାଳିକା ବିଭାଗରେ ଗୀତାଞ୍ଜଳି କାରୁଆଁ, ସ୍ନାତକ ଶ୍ରେଣୀର ବାଳକ ବିଭାଗରେ ବିତିକା ସିନ୍ଧୁ ଏବଂ ବାଳିକା ବିଭାଗରେ ସୁପ୍ରିୟା କିଲାକା ଚାମ୍ପିୟନ ହୋଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ କ୍ରୀଡ଼ା ସଂସଦର ଉପସଭାପତି କେ. ଶଶି, ସହ ଉପସଭାପତି ଗିରିଶ ପଟ୍ଟନାୟକ, ଅଶୋକ କୁମାର ସାହୁ, ମନୋଜ ପଟ୍ଟନାୟକ, ସ୍ନେହାଞ୍ଜଳି ପାଣ୍ଡେ, ଦମୟନ୍ତି ବାଗ, ମନ୍ମଥ ଟୋଇକା ଓ ଅନ୍ୟମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ। କ୍ରୀଡ଼ା ପରିଚାଳନାରେ ଖେଳ ଶିକ୍ଷକ ଆଶିଷ ପୁଜାରୀ, ସୁଧୀର ସ୍ୱାଇଁ, ଗୌରୀ ସାହୁ, ପ୍ରମୋଦ ପ୍ରଧାନ, ଅରୁଣାଞ୍ଚଳ ଦାସ ଓ ବି. ରାମୁ ସହଯୋଗ କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ଭାରସିଂ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଗୁଣପୁର,୪।୨(ଡି.ଏନ୍.ଏ.)

ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତ ଅନ୍ତର୍ଗତ ଭାରସିଂ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଟାଙ୍ଗି ମାଁଙ୍କ ଠାରୁ ମଶାଲ ଅଣାଯାଇ ବିଦ୍ୟାଳୟରେ ସ୍ଥାପନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ନିରୀକ୍ଷକ ଶ୍ୟାମଘନ ଭୂୟାଁ ଯୋଗଦେଇ



ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ବାଗଶଳା ସରପଞ୍ଚ କମଳା ଗମାଙ୍ଗଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷକ ନରସିଂହ ଶତପଥୀ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟା ସଦସ୍ୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କ୍ରୀଡ଼ା ଉତ୍ସବ ଦୁଇ ଦିନ ଧରି ଚାଲିବ।

## ୨୫ ଜଣଙ୍କ ସାକ୍ଷାତକାର ନେଲା ବେଦାନ୍ତ କମ୍ପାନୀ

ରାୟଗଡ଼ା ଅଫିସ,୪।୨

**ରାୟଗଡ଼ାରେ ପ୍ଲେସମେଣ୍ଟ ଡ୍ରାଇଭ୍**

ରାୟଗଡ଼ା ଜିଲା ନିୟୋଜନ କାର୍ଯ୍ୟାଳୟ ଓ ମଡେଲ କ୍ୟାରିୟର ସେଣ୍ଟର ପକ୍ଷରୁ ଫେବୃୟାରୀ ୧ ଏବଂ ୨ ଦୁଇଦିନ ଧରି ବେଦାନ୍ତ କମ୍ପାନୀର ସ୍ନାତକ ପ୍ରଶିକ୍ଷକ ପଦବୀ ପାଇଁ ପ୍ଲେସମେଣ୍ଟ ଡ୍ରାଇଭ୍ ସ୍ଥାନୀୟ ସରକାରୀ ଆଇଟିଆଇ ଠାରେ ଆୟୋଜିତ ହୋଇଥିଲା। ଏଥିରେ ୩୭୬ ଜଣ ଅନଲାଇନ୍ ଏବଂ ଅଫଲାଇନ୍‌ରେ ଆବେଦନ କରିଥିଲେ। ପ୍ରଥମ ଦିନରେ ଲିଖିତ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୫ ଜଣ ଦ୍ୱିତୀୟ ଦିନର ସାକ୍ଷାତକାର ପାଇଁ ଯୋଗ୍ୟତା ହାସଲ କରିଥିଲେ। ପ୍ଲେସମେଣ୍ଟ ଡ୍ରାଇଭ୍‌ର ଦ୍ୱିତୀୟ ଦିନରେ ରାୟଗଡ଼ା ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଉକ୍ତ ପ୍ରଣାଳୀକୁ ପ୍ରୋତ୍ସାହିତ କରିଥିଲେ। ବେଦାନ୍ତ ଟିମ୍ ୨୫ ଜଣ ସର୍ଟଲିଷ୍ଟ ପ୍ରାର୍ଥୀଙ୍କ ସାକ୍ଷାତକାର କରାଇଥିଲେ। କମ୍ପାନୀର ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ଫଳାଫଳ ଘୋଷଣା କରାଯିବ ବୋଲି ଜିଲା ନିୟୋଜନ ଅଧିକାରୀ ତନ୍ମୟସି ମହାପାତ୍ର ସୂଚନା ଦେଇଛନ୍ତି।

## ଇତିହାସ ବିଭାଗ ପକ୍ଷରୁ ହେରିଟେଜ୍ କାର୍ଯ୍ୟକ୍ରମ

ଗୁଣପୁର,୪।୨(ଡି.ଏନ୍.ଏ.)

ଗୁଣପୁର କଲେଜ ଇତିହାସ ବିଭାଗ ଆନୁକଲ୍ୟରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପ୍ରତ୍ନତାତ୍ତ୍ୱିକ ସଂରକ୍ଷଣ କର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନୀଳମାଧବ ଦାସଙ୍କ ଅନୁମତି କ୍ରମେ ଏହି କାର୍ଯ୍ୟକ୍ରମ ପୁରୁଣା ଗୁଣପୁର ସ୍ଥିତ ବାଳିଜୀ ମଠ ତଥା ସାନ ଜଗନ୍ନାଥ ମନ୍ଦିରରେ ହୋଇଥିଲା। ବିଭାଗୀୟ ମୁଖ୍ୟ ପ୍ରାଧାପକ ଜବହାଲଲାଲ ଚୌଧୁରିଙ୍କ ତତ୍ତ୍ୱବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମନ୍ଦିରର ଇତିହାସ ଏବଂ କଳାସ୍ଥାପତ୍ୟ ବିଷୟରେ ଆଲୋଚନା ହୋଇଥିଲା। ସପ୍ତମରୁ ସପ୍ତଦଶ ଶତାବ୍ଦି ମଧ୍ୟରେ ନନ୍ଦପୁର-ଜୟପୁରର ତତ୍କାଳୀନ ମହାରାଜଙ୍କ ସ୍ୱୀକୃତିରେ ସାତ ଜଣ ମହନ୍ତଙ୍କ ତତ୍ତ୍ୱବଧାନରେ ଗଢ଼ି ଉଠିଥିବାଏହି ମନ୍ଦିରର କିଛି କାର୍ଯ୍ୟ ଅନିର୍ବାର୍ଯ୍ୟ ବଶତଃ ଦ୍ୱିତଳ ପରେ ଅଧାଗଡ଼ା ରହିଯାଇଥିଲା। ଯଦିଓ ଏହା ପଞ୍ଚରଥ ଢାଞ୍ଚାରେ ନିର୍ମିତ, ଏହାର ସଫା ସୁତରା ଓ ଜନତାଙ୍କ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ପିଲାଙ୍କ ଦ୍ୱାରା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧାପକ ସତ୍ୟବାନ ଗରଡ଼ା ହେରିଟେଜ୍ ୱାର୍କ ଏକ ମହତ ଦାୟିତ୍ୱ ସମ୍ପର୍ଣ୍ଣ କାର୍ଯ୍ୟ ବୋଲି କହିଥିଲେ। ଅଧାପକ ବସନ୍ତ କୁମାର ସାହୁଙ୍କ ସମେତ ଛାତ୍ରୀଛାତ୍ର ଦିପକ ନାୟକ, ଗୁରୁପୂର୍ଣ୍ଣା ନାୟକ, ଟି. କୁମାରସ୍ୱାମୀ, ଲୋକନାଥ ଗାଣ୍ଡା, ଅଞ୍ଜଳି ମାଝି, ସାଗରିକା ସୁନାମୁଦି, ଅର୍ଚ୍ଚିତା ଗମାଙ୍ଗ, ଚନ୍ଦ୍ରଶେଖର ବିଭଗର, ବୈକୁଣ୍ଠ ବେହେରା, ଶେଖର ପାତିକା ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ପିଏମ୍‌ଏୱାଇରେ ଯୋଗ୍ୟ ହିତାଧିକାରୀ ଚୟନ ଦାବି

ରାୟଗଡ଼ା,୪।୨(ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ଅନିୟମିତତା ପ୍ରତିବାଦରେ ଭାଜପା ପକ୍ଷରୁ ରାୟଗଡ଼ା ବ୍ଲକ କାଯ୍ୟାଳୟ ଘେରାଉ କରାଯାଇଛି। ଭାଜପା କର୍ମୀଙ୍କ ଅଭିଯୋଗ ହେଲା, ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ଗରିବ ବ୍ୟକ୍ତି ଯେପରି ପକ୍କାଘର ପାଇବ ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ରାଜ୍ୟ ସରକାର ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଘର ନ ଦେଇ ୧୦ ରୁ ୨୦ ହଜାର ଟଙ୍କା ଲାଞ୍ଚ ନେଇ ଅଯୋଗ୍ୟଙ୍କୁ ଘର ପ୍ରଦାନ କରୁଛନ୍ତି ବୋଲି ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଭାଜପା ଏ ନେଇ ବାରମ୍ବାର ଚେତାବନୀ ଦେବା ପରେ ମଧ ରାଜ୍ୟ ସରକାର କର୍ଣ୍ଣପାତ କଲେ ନାହିଁ। ତେଣୁ କେନ୍ଦ୍ର ସରକାର ବାଧ ହୋଇ ଏହି ଯୋଜନାକୁ ଦୁଇ ବର୍ଷ ରଦ୍ଦ କରିବାକୁ କରିଛନ୍ତି ବୋଲି କୁହାଯାଇଛି। ତୁରନ୍ତ ଯୋଗ୍ୟ ହିତାଧିକାରୀ ଚୟନ କରି ନୂତନ ତାଲିକା ପ୍ରସ୍ତୁତ କରିବା ପାଇଁ ଦଳ ପକ୍ଷରୁ ଦାବି ହୋଇଛି। ବ୍ଲକ କାର୍ଯ୍ୟାଳୟ ଘେରାଉ ସମୟରେ ଜିଲା ସାଧାରଣ ସମ୍ପାଦକ କିଶୋର ପଣ୍ଡା, କୁମ୍ଭିକୋଟା ମଣ୍ଡଳ ସଭାପତି, ପିପିଲିଗୁଡ଼ା ମଣ୍ଡଳ ସଭାପତି, ଜେକେପୁର ମଣ୍ଡଳ ସଭାପତି ଓ ରାୟଗଡ଼ା ମଣ୍ଡଳ ସଭାପତି ମଞ୍ଜୁଳା ମିଣିୟାକା, ଅର୍ଚ୍ଚନା ବର୍ମା, ପ୍ରଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ କର୍ମୀ।

## ବଜ୍ରଗଡ଼ରେ ନାମଯଜ୍ଞ

ଟିକିରି,୪।୨(ଡି.ଏନ୍.ଏ.)

କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତ ଅନ୍ତର୍ଗତ ବଜ୍ରଗଡ଼ ଗ୍ରାମରେ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହ ଅଞ୍ଚଳର ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଗ୍ରାମରେ ଶାନ୍ତି ପାଇଁ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞ ସକାଳ ୭ଟାରୁ ଆରମ୍ଭ ହୋଇ ପରଦିନ ସକାଳେ ସମାପନ ହୋଇଥିଲା। ଏହାପରେ ନଗର ସଙ୍କୀର୍ତ୍ତନ ଏବଂ ଦଧିହାଣ୍ଡି ଭଗ୍ନ କରାଯାଇ ରଙ୍ଗଖେଳ, ନୃତ୍ୟ, ସଙ୍ଗୀତ ଆଦି କାର୍ଯ୍ୟକ୍ରମ ହୋଇଥିଲା।

## ରାଇବିଜି କନ୍ୟାଶ୍ରମର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଚନ୍ଦ୍ରପୁର,୪।୨(ଡି.ଏନ୍.ଏ.)

ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତ ରାଇବିଜି କନ୍ୟାଶ୍ରମ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବରୁ ବିଦ୍ୟାଳୟର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷ କଇନ କିମ୍ବାକା, ସମ୍ମାନିତ ଅତିଥି ରୂପେ ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଜିଲା ଶିକ୍ଷାଧିଶ ଘନଶ୍ୟାମ ଭୂୟାଁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତଲୱାର ଜେନା, ପ୍ରଧାନ ଶିକ୍ଷୟିତ୍ରୀ ଅନୁରାଧା ଲିଙ୍ଗାମ, ଜିଲା ପରିଷଦ ସଭ୍ୟ ସୁଜିତ ବ୍ରେଡେକା, ସରପଞ୍ଚ ଭୀମ ଗଗେରଙ୍ଗା, ସ୍କୁଲ କମିଟି ସଭାପତି ଲକପତି ଗଗେରଙ୍ଗା, ଏବିଇଓ ବାଳକୃଷ୍ଣ ବିହାରୀ, ବରିଷ୍ଠ ଶିକ୍ଷକ ଉମାଶଙ୍କର ପଣ୍ଡା, ରାମଚନ୍ଦ୍ର ପାଢ଼ୀ, ତାପସ କୁମାର ବେହେରା, ସାମାଜିକକର୍ମୀ ବିଜୟ ପ୍ରସାଦ ଉଲାକାଙ୍କ ସମେତ ଚନ୍ଦ୍ରପୁର ନେହେରୁପଙ୍ଗା, ଡାଙ୍ଗସୋରଡ଼ା, ବୁଢ଼ିବାଲି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ କନ୍ୟାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଅନୁରାଧା ଲିଙ୍ଗାମ ପରିଚାଳନା କରିଥିଲେ। ଛତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ମଧୁବାବୁଙ୍କ ତିରୋଧାନ ଦିବସ ପାଳିତ

ରାୟଗଡ଼ା,୪।୨(ସ୍ୱ.ପ୍ର.)

ରାୟଗଡ଼ା ସ୍ଥିତ ୟୁଜିଏମ୍‌ଆଇଟି ଶିକ୍ଷାନୁଷ୍ଠାନ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୦ତମ ଶ୍ରାଦ୍ଧବାର୍ଷିକୀ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଅଧ୍ୟାପକ ଓ ଛାତ୍ରୀଛାତ୍ର ପୁଷ୍ପ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ନାରାୟଣ ପଟେଲ ମଧୁବାବୁଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ରହିଥିବା ତ୍ୟାଗ ଓ ବଳିଦାନ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଛାତ୍ର ସବ୍ୟସାଚୀ ସାହୁ, ପି.ଭି.ଆର୍ ପଟ୍ଟନାୟକ, ରଘୁନାଥ ଚୌଧୁରୀ, ଦେବାଶିଷ ମହାନ୍ତି, ଏ. ନାଗେଶ୍ୱର ରାଓଙ୍କ ସମେତ ଅନୁଷ୍ଠାନର ସମସ୍ତ ଅଧାପିକା ଅଧାପକ ଉପସ୍ଥିତ ଥିଲେ।



ମଧୁବାବୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ କରି ଅଧାପକ ଓ ଛାତ୍ରୀଛାତ୍ରମାନେ ସ୍ମୃତିଚାରଣ କରୁଛନ୍ତି ।

## କଲଭର୍ଟରେ ପିଟିହୋଇ ଯୁବକ ମୃତ

ଝରିଗାଁ,୪।୨(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚଚା ଗ୍ରାମରୁ ସାନଟେମେରା ଯିବା ରାସ୍ତାରେ ତାରାବେଡା ଗ୍ରାମ ନିକଟରେ ତିଆରି ଚାଲିଥିବା କଲଭର୍ଟରେ ପିଟିହୋଇ ଜଣେ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ବଡ଼ଟେମେରା ପଞ୍ଚାୟତ ଅଧୀନ ଜବାଗୁଡା ଗ୍ରାମର ବାସ୍ନା ସାନ୍ତା (୪୦)। ବାସ୍ନା ମଙ୍ଗଳବାର ବାଇକ ମରାମତି ପାଇଁ ଚଚା ଗ୍ରାମର ଏକ ଗ୍ୟାରେଜରେ ଦେଇଥିଲେ। ଶୁକ୍ରବାର ରାତିରେ ବାଇକ ଧରି ଫେରିବାବେଳେ ତାରାବେଡା ଗ୍ରାମ ନିକଟରେ ନିର୍ମାଣାଧୀନ କଲଭର୍ଟରେ ପିଟି ହୋଇଯାଇଥିଲେ। ମୁଣ୍ଡରେ ପ୍ରବଳ ଆଘାତ ଯୋଗୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶନିବାର ସକାଳୁ ସେହି ରାସ୍ତା ଦେଇ ଯାଉଥିବା କେତେଜଣ ଲୋକ ଦୁର୍ଘଟଣା ସମ୍ପର୍କରେ ଜାଣିବା ପରେ ଝରିଗାଁ ଥାନାକୁ ଜଣାଇଥିଲେ। ଖବର ପାଇ ଝରିଗାଁ ଥାନା ଏଏସ୍‌ଆଇ ଅଶୋକ ପାଲ ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଝରିଗାଁ ଡାକ୍ତରଖାନାକୁ ପଠାଇଥିଲେ।

## କ୍ୟାନସର ବିଷୟରେ ସଚେତନ ହେଲେ ଛାତ୍ରୀଛାତ୍ର

ଗୁଣପୁର,୪।୨(ଡି.ଏନ.ଏ.)

ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ବିଶ୍ୱ କ୍ୟାନସର ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଆଇଇଟି ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ ନର୍ସିଂ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ କେ.ସି. ସୁରେଶ ବାବୁ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ତେବାସୀଙ୍କୁ କର୍କଟ ରୋଗ ବିଷୟରେ ସଚେତନ କରିଥିଲେ। ନର୍ସିଂ ଛାତ୍ରୀଛାତ୍ର ମାନେ ଭାଗନେଇ କର୍କଟର ପ୍ରମୁଖ କାରଣ ମଧ୍ୟରେ ତମାଖୁ ସେବନ, ମଦ୍ୟପାନ, ଖାଦ୍ୟ ପଦାର୍ଥରେ ରାସାୟନିକ ଦ୍ରବ୍ୟର ବ୍ୟବହାର ସହ ସ୍ତନ କର୍କଟ ଏବଂ ସର୍ଭିକାଲ କ୍ୟାନ୍ସର ବିଷୟରେ ସଚେତନ କରିଥିଲେ। ସମସ୍ତ ଅଧାପିକା ଅଧାପକ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।




କ୍ୟାନସର ଦିବସରେ ଅନ୍ତେବାସୀଙ୍କୁ କର୍କଟ ରୋଗ ବିଷୟରେ ସଚେତନ କରାଯାଉଛି।

## ମୋ ସ୍କୁଲ ଅଭିଯାନ ପକ୍ଷରୁ ବୈଠକ

ନନ୍ଦପୁର-ନନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସେଠୀଙ୍କ ତତ୍ତ୍ୱାବଧାନରେ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ନେଇ ମୋ ସ୍କୁଲ ଅଭିଯାନର ଏକ ବୈଠକ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପୁରାତନ ଛାତ୍ର କିଶୋର ଚନ୍ଦ୍ର ପଣ୍ଡା ବୈଠକରେ ସଭାପତିତ୍ୱ କରିଥିଲେ। ପୂର୍ବତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ୧୪ ଜଣିଆ ମୋ ସ୍କୁଲ କମିଟି ଗଠନ କରାଯାଇଥିଲା। କୃଷ୍ଣଚନ୍ଦ୍ର ବେବର୍ତ୍ତାଙ୍କୁ କମିଟିର ସଭାପତି, ସମ୍ପାଦକ ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମନୋନୀତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ସମସ୍ୟାଗୁଡ଼ିକ ଉପସ୍ଥାପନ କରିଥିଲେ। ସମସ୍ୟା ସମାଧାନ ନେଇ ଆର୍ଥିକ ସହଯୋଗ କରିବାକୁ ଛାତ୍ରୀଛାତ୍ରମାନେ ପ୍ରତିଶ୍ରୁତି ଦେଇଛନ୍ତି।

### ସଂକ୍ଷେପରେ

## ରାଷ୍ଟ୍ରୀୟ ଲୋକଅଦାଲତ ନେଇ ସଚେତନତା ରଥ



ନବରଙ୍ଗପୁର,୪।୨(ବି.ପ୍ର.)- ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ନେଇ ଏକ ସଚେତନତା ରଥର ଶୁଭାରମ୍ଭ କରଯାଇଛି। ଡିଏଲ୍ଏସ୍ ଅଧକ୍ଷ ତଥା ଜିଲା ଦୌରାଜଜ୍ ସଞ୍ଜୀବ ଦୁବେ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥିଭାବେ ଅତିରିକ୍ତ ଜଲା ଜଜ୍ ଶିବ ପ୍ରସାଦ ମିଶ୍ର, ଅତିରିକ୍ତ ଜିଲା ଜଜ୍ (ଆଡ୍‌ହକ୍) ନିରଞ୍ଜନ ସାହୁ, ଜିଲା ଆଇନ ସେବା ପ୍ରାଧିକରଣର ଭରପ୍ରାପ୍ତ ସଚିବ ସୁକାନ୍ତ କିଶୋର ଜେନା ଓ ବହୁ ଆଇନଜୀବୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ପରିଚାଳିତ ହୋଇଛି। ସୂଚନାନୁଯାୟୀ, ୧୧ ତାରିଖରେ ନବରଙ୍ଗପୁରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ କରାଯିବ।

## କଲଭର୍ଟରେ ପିଟିହୋଇ ଯୁବକ ମୃତ

ଝରିଗାଁ,୪।୨(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚଚା ଗ୍ରାମରୁ ସାନଟେମେରା ଯିବା ରାସ୍ତାରେ ତାରାବେଡା ଗ୍ରାମ ନିକଟରେ ତିଆରି ଚାଲିଥିବା କଲଭର୍ଟରେ ପିଟିହୋଇ ଜଣେ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ବଡ଼ଟେମେରା ପଞ୍ଚାୟତ ଅଧୀନ ଜବାଗୁଡା ଗ୍ରାମର ବାସ୍ନା ସାନ୍ତା (୪୦)। ବାସ୍ନା ମଙ୍ଗଳବାର ବାଇକ ମରାମତି ପାଇଁ ଚଚା ଗ୍ରାମର ଏକ ଗ୍ୟାରେଜରେ ଦେଇଥିଲେ। ଶୁକ୍ରବାର ରାତିରେ ବାଇକ ଧରି ଫେରିବାବେଳେ ତାରାବେଡା ଗ୍ରାମ ନିକଟରେ ନିର୍ମାଣାଧୀନ କଲଭର୍ଟରେ ପିଟି ହୋଇଯାଇଥିଲେ। ମୁଣ୍ଡରେ ପ୍ରବଳ ଆଘାତ ଯୋଗୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶନିବାର ସକାଳୁ ସେହି ରାସ୍ତା ଦେଇ ଯାଉଥିବା କେତେଜଣ ଲୋକ ଦୁର୍ଘଟଣା ସମ୍ପର୍କରେ ଜାଣିବା ପରେ ଝରିଗାଁ ଥାନାକୁ ଜଣାଇଥିଲେ। ଖବର ପାଇ ଝରିଗାଁ ଥାନା ଏଏସ୍ଆଇ ଅଶୋକ ପାଳ ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଝରିଗାଁ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ପ୍ରସ୍ତାବିତ ୫-ଟି ସ୍କୁଲ ସ୍ଥାନରୁ ହଟିଲା ଜବରଦଖଲ

କୋଡିଙ୍ଗା,୪।୨(ଡି.ଏନ୍.ଏ.)- ପ୍ରସ୍ତାବିତ ୫-ଟି ସ୍କୁଲ ସ୍ଥାନରୁ ଶନିବାର ଜବରଦଖଲ ହଟାଯାଇଛି। କୋଡିଙ୍ଗା ତହସିଲଦାର ଟିଙ୍କୁନୁ ପୁଟାଙ୍କ ନିର୍ଦ୍ଦେଶରେ ଜେସିବି ଲଗାଇ ସ୍କୁଲ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। କୋଷାଗୁମୁଡା ବ୍ଲକ ସଦର ବାଲେଙ୍ଗା ଉନ୍ନୀତ ଉଚ୍ଚ ବିଦ୍ୟାଳୟ। ୬୩ ଡିସିମିଲି ସ୍ଥାନରେ ଏହା ଅବସ୍ଥିତ। ଏହି ବିଦ୍ୟାଳୟ ୧୯୬୨ ମସିହାରେ ସ୍ଥାପିତ ହୋଇଥବବା ଏହି ସ୍କୁଲ ୨୦୧୨ରେ ହାଇସ୍କୁଲର ମାନ୍ୟତା ପାଇଥିଲା। ସ୍କୁଲରେ ପ୍ରଥମରୁ ଦଶମଶ୍ରେଣୀର ମୋଟ ୨୮୨ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୬ଟି ଶ୍ରେଣୀଗୃହ ରହିଛି। ସେଥି ମଧରୁ ୩ଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବ୍ଲକରେ ୩ୟ ପର୍ଯ୍ୟାୟରେ ଏହି ହାଇସ୍କୁଲଟି



୫-ଟି ସ୍କୁଲ ରୂପାନ୍ତରୀକରଣ ପାଇଁ ମନୋନୀତ ହୋଇଥିଲା। ଏଠାରେ ସ୍ଥାନ କମ୍ ଥିବାରୁ ରୂପାନ୍ତରୀକରଣ କାମ ମୁଖ୍ୟରାସ୍ତା ନିକଟରେ ଥିବା ୭ଏକର ସ୍ଥାନରେ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଏହି ସ୍ଥାନକୁ ଗ୍ରାମର ରାମଚନ୍ଦ୍ର ମିର୍ଗାନ ଜବରଦଖଲ କରିଥିବା ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ଜାଗା ଖାଲି କରିବାକୁ ତାଙ୍କୁ କୋଡିଙ୍ଗା ତହସିଲ ପକ୍ଷରୁ ନୋଟିସ କରାଯାଇ ଥିଲା। ଶନିବାର ତହସିଲଦାର, କୋଡିଙ୍ଗା ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା, ରାଜସ୍ୱ ବିଭାଗୀୟ ଅଧିକାରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଜବରଦଖଲ ହଟାଯାଇଥିଲା।

## ଆକାଶମାର୍ଗରୁ ୫-ଟି ସଚିବଙ୍କ କୋଟିଆ ଅନୁଧ୍ୟାନ

ପଟ୍ଟାଙ୍ଗି,୪।୨(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଆନ୍ଧ୍ର-ଓଡ଼ିଶା ସୀମାନ୍ତ କୋଟିଆକୁ ୫-ଟି ସଚିବ ଭି.କେ. ପାଣ୍ଡିଆନ ଶନିବାର ଆକାଶମାର୍ଗରୁ ପରିଦର୍ଶନ କରିଛନ୍ତି। ହେଲିକପ୍ଟର ଯୋଗେ ପହଞ୍ଚି ଦେଓମାଳି ପାହାଡ଼ ଉପରେ ମ୍ୟାପ ଦେଖି ସେ ଜିଲାପାଳ ଅବଦାଲ ଏମ୍. ଅଖତରଙ୍କ ସମେତ ବ୍ଲକ ପ୍ରଶାସନର ଅଧିକାରୀମାନଙ୍କ ସହ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ। ୫-ଟି ସଚିବଙ୍କ ଗସ୍ତକୁ ନେଇ କୋଟିଆବାସୀଙ୍କ ମନରେ ଖୁସିର ଲହରି ଖେଳିଯାଇଥିଲା। ସେମାନେ ତାଙ୍କୁ ଭେଟି ନିଜ ସୁବିଧା ଅସୁବିଧା ସମ୍ପର୍କରେ ଜଣାଇ ଆଲୋଚନା କରିବାକୁ ଆଶା କରି ଅପେକ୍ଷା କରିଥିଲେ। ମାତ୍ର ୫-ଟି ସଚିବ କେବଳ ଆକାଶମାର୍ଗରୁ କୋଟିଆ ପଞ୍ଚାୟତ ପରିଦର୍ଶନ କରି ଦେଓମାଳି ଚାଲିଯିବାରୁ ଅଞ୍ଚଳବାସୀ ନିରାଶ ହୋଇଥିଲେ। ଅଞ୍ଚଳବାସୀଙ୍କ ସହ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ,ସରପଞ୍ଚ ଲିୟୁ ଗେମେଲ, ସାଲପୁ ଗେମେଲ, ରାଜେଶ ପାଙ୍ଗି, ପୁଲୁ ଖରା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କୋଟିଆ ପଞ୍ଚାୟତ ଉପରେ ଆନ୍ଧ୍ରର ନଜର ସର୍ବଦା ରହିଛି। ଆନ୍ଧ୍ର ଉପ ମୁଖ୍ୟମନ୍ତ୍ରୀ ପିଡିକା ରାଜନା ଦୋରା ଏବଂ ପ୍ରଶାସନିକ ଅଧିକାରୀମାନେ ବାରମ୍ବାର କୋଟିଆରେ ଅନୁପ୍ରବେଶ କରି ଘରକୁ ଘର ବୁଲି ଆନ୍ଧ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇ ସେମାନଙ୍କୁ ନିଜ ସପକ୍ଷରେ ନେବାକୁ ଉଦ୍ୟମ ଜାରି ରଖିଛନ୍ତି। ନିକଟରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡି ବିଶାଖାପାଟଣାକୁ ଆନ୍ଧ୍ରର ରାଜଧାନୀ ଭାବେ ଘୋଷଣା କରିବା ପରେ କୋଟିଆକୁ ନେଇ ରାଜନୀତି ଜୋର୍ ଧରିଛି।

## ଭଗବତୀ ମନ୍ଦିର ସଦସ୍ୟଙ୍କ ସହ ୫-ଟି ସଚିବଙ୍କ ଆଲୋଚନା

ଜୟପୁର, ୪।୨(ନି.ପ୍ର.)

୫-ଟି ସଚିବ ଭି. କେ. ପାଣ୍ଡିଆନ ଶୁକ୍ରବାର ଜୟପୁର ଗସ୍ତରେ ଆସିଥିବା ବେଳେ ଏଠାରେ ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ, ବଲ୍ଲଭ ନାରାୟଣ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିଥିଲେ । ପରେ ସେ ଭଗବତୀ ମନ୍ଦିରର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । ନୂତନ ମନ୍ଦିର କାର୍ଯ୍ୟ ପାଇଁ ୧୦ ଲକ୍ଷ ଟଙ୍କା ମନ୍ଦିରକୁ ପ୍ରଦାନ ଲାଗି ପ୍ରତିଶ୍ରୁତି ଦେଇଥିଲେ । ସେହିପରି ଶନିବାର ବିଜେଡି ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ କୋରାପୁଟ ଜିଲା ପର୍ଯ୍ୟବେକ୍ଷକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଜୟପୁର ଗସ୍ତରେ ଆସିଛନ୍ତି । ଉଭୟେ ଜୟପୁରର ଅଧିଷ୍ଠାତ୍ରୀ ମା' ଭଗବତୀ, ବଲ୍ଲଭ ନାରାୟଣ ଓ ଜଗନ୍ନାଥ ମନ୍ଦିର ପରଦର୍ଶନ କରିଛନ୍ତି । ଏହି ସମୟରେ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ପୌର ଉପାଧ୍ୟକ୍ଷ ବି. ସୁନିତା, ପୂର୍ବତନ ପୌର ଉପାଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ରଥ, କୁନି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଉଦ୍‌ଘାଟନୀ ମ୍ୟାଚ ଜିତିଲା ବାଲିମେଳା

### ଆନ୍ତଃ ପ୍ରକଳ୍ପ କ୍ରିକେଟ ପ୍ରତିଯୋଗିତା

ମାଲକାନଗିରି,୪।୨ (ଡି.ଏନ୍.ଏ.)

ଓଡ଼ିଶାର ଦ୍ୱିତୀୟ ବୃହତ୍ ଜଳ ବିଦ୍ୟୁତ୍ ପ୍ରକଳ୍ପ ଭାବେ ପରିଚିତ ବାଲିମେଳା ଜଳ ବିଦ୍ୟୁତ୍ ପ୍ରକଳ୍ପ ପକ୍ଷରୁ ୪ ଦିନ ଧରି ଚାଲିବାକୁ ଥିବରା ଅନ୍ତଃ ପ୍ରକଳ୍ପ କ୍ରିକେଟ୍ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଛି। ଏଥିରେ ୭ଟି ଦଳ



ମ୍ୟାଚ୍ ଉଦ୍‌ଘାଟନ କରୁଥିବା ଅତିଥିମାନେ।

ଭୁବନେଶ୍ୱରସ୍ଥିତ ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପ, ଚିପିଲିମା ଜଳ ବଦ୍ୟୁତ୍ ପ୍ରକଳ୍ପ, ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରକଳ୍ପ, ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ, ଉପର କୋଲାବ ଜଳ ବିଦ୍ୟୁତ୍ ପ୍ରକଳ୍ପ, ବାଲିମେଳା ଜଳ ବିଦ୍ୟୁତ୍ ପ୍ରକଳ୍ପ ଭାଗ ନେଇଛନ୍ତି। ଆଜିର ଉଦ୍‌ଘାଟନୀ ମ୍ୟାଚ ଚିପିଲିମା ଓ ବାଲିମେଳା ଟିମ୍ ମଧ୍ୟରେ ହୋଇଥିଲା। ଚିପିଲିମା ୧୫ ଓଭରରେ ୯୬ ରନ୍ ସଂଗ୍ରହ କରିଥିଲା। ପରେ ବାଲିମେଳା ୧୦ ଓଭରରେ ୯୭ ରନ କରି ବିଜୟୀ ହୋଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଜଳ ବିଦ୍ୟୁତ୍ ପ୍ରକଳ୍ପ ଲିମିଟେଡ୍‌ର ମାନବ ସମ୍ବଳ ନିର୍ଦ୍ଦେଶକ ଡ. ପ୍ରବୋଧ ମହାନ୍ତି, ସମ୍ମାନିତ ଅତିଥି ରୂପେ ନିର୍ଦ୍ଦେଶକ ଆଶିଷ ମହାନ୍ତି, ଅନ୍ୟତମ ଅତିଥି ରୂପେ ବାଲିମେଳା ଏନଏସି ଅଧ୍ୟକ୍ଷ ପ୍ରଦୀପ ନାୟକ, ମାଲକାନଗିରି ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ୮୮ ବାଟାଲିୟନ ବିଏସ୍ଏଫ୍ କମାଣ୍ଡାଣ୍ଟ ବିନୋଦ ସରିନ୍, ପୋଟେରୁ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ଚନ୍ଦ୍ରଶେଖର ମିଶ୍ର, ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରା, ବାଲିମେଳା ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି

ଦାମନଯୋଡି,୪।୨(ଡି.ଏନ.ଏ.)

ଉତ୍କଳ ସମ୍ମିଳନୀର ଦାମନଯୋଡି ଶିଳ୍ପାଞ୍ଚଳ ଶାଖା ପକ୍ଷରୁ ଶନିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୯ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନାଲକୋ ଟାଉନଶିପ ମଧୁସୂଦନ ମାର୍ଗରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ କର୍ମକର୍ତ୍ତା ଓ ସଦସ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇ ମଧୁବାବୁଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍କଳ ସମ୍ମିଳନୀର ଆବାହକ ନରସିଂହ ବ୍ରହ୍ମା, ସଭାପତି ରମେଶ ଚନ୍ଦ୍ର ଦାଶ, ସମ୍ପାଦକ ଡ.ଅଶୋକ ମହାନ୍ତି,ସଦସ୍ୟ ବିଜୟ ଆଚାର୍ଯ୍ୟ, ସେମିଳିଗୁଡା ବାର ଆସୋସିଏସନ ସଭାପତି ପୀତାମ୍ବର ସାହୁ, ବର୍ଷା ସାହିତ୍ୟ ସଂସଦ ସମ୍ପାଦକ ଶ୍ରୀଧର ପରିଡ଼ା, ଆଇନଜୀବୀ ନଳିନୀକାନ୍ତ ସେନାପତି ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କନିଷ୍ଠ ରେଡ଼କ୍ରସ ଶାଖା କ୍ରିୟାଶୀଳ କରିବା ନେଇ ପ୍ରୟାସ



କନିଷ୍ଠ ରେଡ଼କ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଏକ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି ।

ଜୟପୁର,୪।୨ (ନି.ପ୍ର.)

'ସେବା ହିଁ ପରମ ଧର୍ମ, ସେବା ହିଁ ପରମ ତପ' ଏହି ମହନୀୟ ଭାବଧାରାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୁଦ୍ଧ କରାଇବା ଲାଗି ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କ ନିର୍ଦ୍ଦେଶରେ ଜିଲା କନିଷ୍ଠ ରେଡ଼କ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଶନିବାର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି କନିଷ୍ଠ ରେଡ଼କ୍ରସ କାର୍ଯ୍ୟ ତଦାରଖ କରିଥିଲେ। ସେ ଲମତାପୁଟ ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ, ଆନନ୍ଦ ନିକେତନ, ପେଟା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଡାବୁଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଜଳହଞ୍ଜର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ମାଟାମପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଲମତାପୁଟ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ଜଳହଞ୍ଜର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ କନିଷ୍ଠ ରେଡ଼କ୍ରସ ଶାଖା ଗଠନ କରାଯାଇଥିଲା। ବିଦ୍ୟାଳୟରେ ରେଡ଼କ୍ରସ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପଣ୍ଡା ଅନୁରୋଧ କରିଥିଲେ। କନିଷ୍ଠ ରେଡ଼କ୍ରସ କାର୍ଯ୍ୟକାରୀ କମିଟି ଗଠନ, ବିଭିନ୍ନ ପ୍ରକାର ସେବାମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବା ନେଇ ସେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଅର୍ଜୁନ ଶିଶା, ମନୋଜ କାମୁଡି, ଜଗବନ୍ଧୁ କିର୍ସାନି, ଏଫ.ଡାନିଏଲ ଜନସନ ଓ ଅଧ୍ୟକ୍ଷ ସାଗର ବେହେରା, ବ୍ଲକ ସଂଯୋଜକ ରବିନାରାୟଣ ସାମଲ ସହଯୋଗ କରିଥିଲେ।

## ଗୌଡ଼ଗୁଡ଼ାରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ତେନ୍ତୁଳିଖୁଣ୍ଟି, ୪।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଶନିବାରଠାରୁ ମାଣ୍ଡିଆ ସଂଗ୍ରହ ଆରମ୍ଭ ହୋଇଛି। ଶନିବାର ବ୍ଲକ ଅଧକ୍ଷା ନୀଳେନ୍ଦ୍ରି ନାୟକ ଗୌଡ଼ଗୁଡ଼ା ମଣ୍ଡି ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ



ଅତିଥିମାନେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ କରୁଛନ୍ତି ।

ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋଇ ମାଣ୍ଡିଆକୁ ଜାତିସଂଘର ମାନ୍ୟତା ମିଳିଛି। ରାଜ୍ୟ ସରକାରଙ୍କ ମିଲେଟ ମିଶନ ନାମରେ ମାଣ୍ଡିଆ ଓ ମାଣ୍ଡିଆଜାତ ଖାଦ୍ୟକୁ ଜାତୀୟସ୍ତରରେ ପ୍ରଚାର ପ୍ରସାର କରାଯାଉଛି। ଏଣୁ ମାଣ୍ଡିଆ ଚାଷକରି ଲାଭବାନ ହେବାକୁ ସେ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ। ମଧ୍ୟସ୍ଥଙ୍କ ଦ୍ୱାରା ମାଣ୍ଡିଆ ବିକ୍ରି ନ କରିବାକୁ ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା ଓ ଟିଡିସିସି ଶାଖା ପରିଚାଳକ ଉପସ୍ଥିତ ରହି ଚାଷୀଙ୍କୁ ପ୍ରୋତ୍ସାହିତ କରିଥିଲେ। କୃଷି ଓଭରସିୟର ହରିଶଙ୍କର ତ୍ରିପାଠୀ, ଧୀରେନ ବେନ୍ୟା, କୃଷି ଗ୍ରାମ ସେବକ ଜିତେନ୍ଦ୍ର ଟାକ୍ରୀ ଓ ଆମ୍ୱାର ଏଟିଏମ ବାଳ ଗୋବିନ୍ଦ ସାହୁ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, ମଣ୍ଡି ଉଦ୍‌ଘାଟିତ ହେବା ପରେ ମାଣ୍ଡିଆ ଚାଷୀ କୁଇଣ୍ଟାଲ ପିଛା ୩୫୭୮ ଟଙ୍କାରେ ମାଣ୍ଡିଆ ବିକ୍ରି କରିପାରିବେ। ତେନ୍ତୁଳିଖୁଣ୍ଟି ବ୍ଲକକୁ ୨ଟି ଜୋନ କରି ୧୯୬୪ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ଗୌଡ଼ଗୁଡା ମଣ୍ଡିରେ ୯୬୪ କୁଇଣ୍ଟାଲ ଓ ଅଞ୍ଚଳଗୁମ୍ମା ମଣ୍ଡିରେ ୧୦୦୦ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ ଲକ୍ଷ୍ୟ ରହିଛି।

### ଭିନ୍ନକ୍ଷମ-ସକ୍ଷମ ବୈବାହିକ ପ୍ରୋତ୍ସାହନ

## ୩ ଦମ୍ପତିଙ୍କୁ ମିଳିଲା ୭ ଲକ୍ଷ ୫୦ ହଜାର ସହାୟତା

ନନ୍ଦପୁର, ୪।୨

ଭିନ୍ନକ୍ଷମଙ୍କୁ ସକ୍ଷମ ବିବାହ କଲେ ସରକାର ଆର୍ଥିକ ସହାୟତା ଦେଇଥାନ୍ତି। ସରକାରଙ୍କ ଏହି ଭିନ୍ନକ୍ଷମ-ସକ୍ଷମ ବୈବାହିକ ପ୍ରୋତ୍ସାହନ ଯୋଜନାରେ ନନ୍ଦପୁର ବ୍ଲକର ୩ ଦମ୍ପତି ଉପକୃତ ହୋଇଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ତିନି ଦମ୍ପତିଙ୍କୁ ୨ଲକ୍ଷ ୫୦ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ପ୍ରୋତ୍ସାହନ ରାଶି ପାଇଥିବା ଦମ୍ପତି ହେଲେ ଭେଜା ପଞ୍ଚାୟତର ଦମ୍ପତି ଲକ୍ଷ୍ମୀ ମାଟାମ ଓ ରମେଶ ମାଟାମ, ବାଲଡ଼ା ପଞ୍ଚାୟତର ଦମ୍ପତି ପଦ୍ମିନୀ କଅଁର ଓ ବଳରାମ ଖଡ଼ା ଓ ପାଡୁଆ ପଞ୍ଚାୟତର ଦମ୍ପତି ଚୁନି ଗାଲେଲ ଓ ଜଗଦୀଶ ଖରା। ଲକ୍ଷ୍ମୀ, ପଦ୍ମିନୀ ଓ ଚୁନି ଭିନ୍ନକ୍ଷମ। ଏହି ୩ଜଣଙ୍କୁ ଉପରୋକ୍ତ ୩ ସକ୍ଷମ ବ୍ୟକ୍ତି ବିବାହ କରିଛନ୍ତି। ବିବାହ ପରେ ପ୍ରୋତ୍ସାହନ ରାଶି ପାଇବାକୁ ଏମାନଙ୍କ ନାମ ଜିଲା ସାମାଜିକ ସୁରକ୍ଷା ବିଭାଗକୁ ପଠାଯାଇଥିଲା। ସେଠାରୁ ଅନୁମୋଦନ ପାଇବା ପରେ ପ୍ରତ୍ୟେକଙ୍କ ଜମାଖାତାରେ ୨ଲକ୍ଷ ୫୦ ହଜାର ଲେଖାଏ ମୋଟ ୭ଲକ୍ଷ ୫୦ ହଜାର ଟଙ୍କା ଜମା କରାଯାଇଛି। ଏହା ଆଗାମୀ ଦିନରେ ଭିନ୍ନକ୍ଷମ ମହିଳା ଓ ପୁରୁଷଙ୍କ ସହ ସକ୍ଷମ ମହିଳା ଓ ପୁରୁଷଙ୍କୁ ବିବାହ କରିବାକୁ ପ୍ରୋତ୍ସାହିତ କରିବ ବୋଲି ବିଡିଓ ସୁଜିତ ମିଶ୍ର ଓ ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅର୍ଜୁନ ମାଝୀ କହିଛନ୍ତି।

## କୁର୍ସି ଡାକ୍ତରଖାନା ବୁଲିଲେ କାୟାକଳ୍ପ ଟିମ୍



କାୟାକଳ୍ପ ଟିମ୍ ସହ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ।

ଉମରକୋଟ, ୪।୨(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ସ୍ଥିତ ପୂଜାରୀଗୁଡା ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କୁର୍ସି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି କାୟାକଳ୍ପ ଟିମ୍। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ରୋଗୀ ସେବା, ପରିଷ୍କାର ପରିଚ୍ଛନ୍ନତା ଓ ଅନ୍ୟ କ୍ଷେତ୍ରରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟ ଦକ୍ଷତାକୁ ପରଖିଥିଲେ। ମେଡିକାଲର ଅନ୍ତଃବିଭାଗ, ବହିରବିଭାଗ, ପ୍ରସୂତି ବିଭାଗ, ୱାର୍ଡ ବୁଲି ଦେଖିଥିଲେ। ପରେ ମେଡିକାଲ ସ୍ୱଚ୍ଛତା ଉପରେ ଅନୁଧ୍ୟାନ କରିଥିଲେ। ଜିଲା କାୟାକଳ୍ପ ଟିମ୍‌ରେ କ୍ୱାଲିଟି ଆସୁରାନ୍ସ ସତ୍ୟରଞ୍ଜନ ଦାସ, ୟୁଏନ୍ଏଫ୍‌ପିଏ ପରାମର୍ଶଦାତା ଅଜିତ ସାହୁ,ବିଡ଼ିଏମ ସୁଶାନ୍ତ ବିଷୋୟୀ ପ୍ରମୁଖ ଡାକ୍ତରଖାନା ପରିଦର୍ଶନ କରିଥିଲେ। ସରକାରଙ୍କ ନିୟମକୁ ପାଳନ କରୁଛନ୍ତି ନା ନାହିଁ ସମସ୍ତ ବିଷୟ ଅନୁଧ୍ୟାନ କରି ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ପ୍ରଦାନ କରାଯାଇଛି। କାୟାକଳ୍ପ ଟିମ ଗସ୍ତବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ପିତାମ୍ବର ଅଗ୍ରୱାଲ ,ଏଲ୍ଏଚ୍ ବି. ବାସନ୍ତୀ ବେରା, ଷ୍ଟାଫ୍ ନର୍ସ ଶାନ୍ତିପ୍ରଭା ସୋରେଙ୍ଗ,ଏଏନ୍ଏମ୍ କନିକା କୁଣ୍ଟୁ, ଶ୍ରାବଣୀ ପଟ୍ଟନାୟକ , ସ୍ୱାସ୍ଥ୍ୟ କର୍ମୀ ରାଜ ମଣ୍ଡଲ, ଆଟେଣ୍ଡାଣ୍ଟ ଦିଲୀପ ପଟ୍ଟନାୟକ, ସଫେଇ କର୍ମଚାରୀ କୁମାରୀ ପରଜା ଓ ଚମ୍ପା ଗଣ୍ଡ, ସିକ୍ୟୁରିଟି ଗାର୍ଡ ଜୟରାମ ଗଣ୍ଡ ଉପସ୍ଥିତ ଥିଲେ।

## ମଧୁବାବୁଙ୍କ ତିରୋଧାନ ଦିବସ ପାଳିତ

କୋରାପୁଟ, ୪।୨(ସ୍ୱ.ପ୍ର.)

କୋରାପୁଟ ଜିଲା ସ୍ମାରକୀ କମିଟି ପକ୍ଷରୁ ଶନିବାର ଉତ୍କଳ ଗୌରବ ମଧୁସୂଧନ ଦାସଙ୍କ ୯୦ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳଙ୍କ ବାସଭବନ ଛକଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ରାଜେନ୍ଦ୍ର ମାଝି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା, ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହନୀପତି, ଜିଲା ସ୍ମାରକୀ କମିଟିର ଅରୁଣ ଦାସ, ରାଜ କିଶୋର ସାମନ୍ତରାୟ, ସାମାଜିକ କର୍ମୀ ଲଳିତ ମୋହନ ପଟ୍ଟନାୟକ,ରୂପକ ତୁରୁକ, ଖବରଦାତା ଅମିତାଭ ବେହେରା, ଭବାନୀଶଙ୍କର ମିଶ୍ର, ରଞ୍ଜନ ଦାସ, ସତ୍ୟ ନାରାୟଣ ପ୍ରଧାନ, ଅଲିଭା ବେହେରା ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ ।

## ମହିଳା ଜନସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର

ନବରଙ୍ଗପୁର,୪।୨(ବି.ପ୍ର.)

ମହିଳା ଜନସୁରକ୍ଷା ମଞ୍ଚ ନବରଙ୍ଗପୁର ଶାଖା ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ପ୍ରଦାନ କରାଯାଇଛି। ଜିଲାର ୬ଟି ବ୍ଲକର ୨୪୨ ସ୍ୱଚ୍ଛ ଗ୍ରାମରେ ସର୍ଭେ କରା ଯାଇଛି। ସେଗୁଡିକର ସମସ୍ୟା ସମାଧାନ ନିମନ୍ତେ ଦାବି କରାଯାଇଛି। ଗ୍ରାମସର୍ବେକ୍ଷଣ ବେଳେ ବିଶୁଦ୍ଧ ପାନୀୟ ଜଳ ଓ ପରିମଳ, ଗ୍ରାମ୍ୟ ସମ୍ବଳ, ଜଳସେଚନ ଜନିତ ଅସୁବିଧା ଓ ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ତେଣୁ ଏହି ସମସ୍ୟା ପ୍ରତି ପଦକ୍ଷେପ ନେବାକୁ ନିବେଦନ କରାଯାଇଛି। ମଞ୍ଚ ସଦସ୍ୟମାନେ ଶୋଭାଯାତ୍ରାରେ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ମଞ୍ଚ କର୍ମକର୍ତ୍ତା ଅନିତା ଖିଲ, ମଞ୍ଜୁରାଣୀ ଖରା, ତୁଳାତି ଜାନୀ, ଚାନ୍ଦିନୀରାଣୀ କଟିମ, ବିମଳ ସନାର ନେତୃତ୍ୱ ନେଇଥିଲେ। ଶତାଧିକ ମହିଳା ଏଥିରେ ଯୋଗ ଦେଇଥିଲେ।



ଅତିରିକ୍ତ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି ।

## ପାଡ୍ରପୁଟ ଜଙ୍ଗଲରେ ଅବକାରୀ ଚଢାଉ

ଜୟପୁର, ୪।୨(ନି.ପ୍ର.)

ଦେଶୀ ମଦ ପ୍ରସ୍ତୁତ କରୁଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ କର୍ମଚାରୀ ସଦର ଥାନା ଅନ୍ତର୍ଗତ ପାଡ୍ରପୁଟ ଜଙ୍ଗଲରେ ଚଢାଉ କରି ୧ ହଜାର ଲିଟର ପୋଚ ଓ ୫୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରଛନ୍ତି। ଚଢାଉ ପୂର୍ବରୁ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ ଜବତ ହୋଇଛି।

## ମତ୍ସ୍ୟ ଚାଷ ସମ୍ବନ୍ଧୀୟ ସଚେତନତା ଶିବିର

ଡାବୁଗାଁ, ୪।୨ (ଡି.ଏନ୍.ଏ.)

ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ମତ୍ସ୍ୟ ଚାଷ ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସଙ୍ଗୀତା ସାମଲ ଚାଷୀଙ୍କୁ ମତ୍ସ୍ୟ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇଥିଲେ। ଏସ୍ଏଚ୍‌ଜି ମହିଳାଙ୍କ ଦ୍ୱାରା ପଞ୍ଚାୟତ ପୋଖରୀରେ ମାଛଚାଷ, ମତ୍ସ୍ୟଜୀବୀ ଉନ୍ନୟନ ଯୋଜନାରେ ମାଛ ଧରା ଜାଲ, ମୋଟର ସାଇକେଲ ସହ ବରଫ ବାକ୍ସ, ଅଟୋ ସହିତ ବରଫ ବାକ୍ସ ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଡିଓ ଶରତ ମାଝି ମୁଖ୍ୟ ଅତିଥି, ଡା. ସାରସ୍ୱତ ସାହୁ, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ ଅତିଥିଭାବେ ଉପସ୍ଥିତ ଥିଲେ।

## ଏସ୍ଓଜି ପାନ୍ଥରକୁ ହରାଇ ଆର୍ଓ କନକୁରାସ ଚାମ୍ପିୟନ

### ନବରଙ୍ଗପୁର ପୋଲିସ ପ୍ରିମିୟର କ୍ରିକେଟ ଟୁର୍ନାମେଣ୍ଟ

ନବରଙ୍ଗପୁ,୪।୨(ବି.ପ୍ର.)

ନବରଙ୍ଗପୁର ପୋଲିସ ପ୍ରିମିୟର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏସ୍ପି ଏସ୍. ସୁଶ୍ରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପ ଜିଲାପାଳ ପ୍ରଶାନ୍ତ ରାଉତ, ଜିଲା କ୍ରୀଡ଼ା ସଂଘ ଉପସଭାପତି ଏମ୍. ବାଲା କୃଷ୍ଣ ରାଓ, ସହ ସମ୍ପାଦକ ମନୋଜ ପଟ୍ଟନାୟକ, ଡିଏସ୍ପି ଚନ୍ଦ୍ରଶେଖର ହୋତା, ଯୁଗଳ କିଶୋର ମଲିକ ଏବଂ ସର୍ଜେଣ୍ଟ ସାନ୍ତନୁ ପ୍ରଧାନୀ ଉପସ୍ଥିତ ଥିଲେ। ଫାଇନାଲ୍ ମ୍ୟାଚରେ ଆର୍ଓ କନକୁରାସ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ଆଠ ଉଇକେଟ ବିନିମୟରେ ୧୮୯ କରିଥିଲେ। ଏହାର ଜବାବରେ ଏସ୍ଓଜି ପାନ୍ଥର ଦଳ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲେ। ଆର ଓ କନକୁରାସ ଦଳ ଚମ୍ପିୟାନ ହୋଇଛି। ଫାଇନାଲ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଭାବରେ ଏମ୍. ଡି. ରାଇସ ଏବଂ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ସାନ୍ତନୁ ପ୍ରଧାନୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାରେ ପ୍ରଥମ ଥର ପାଇଁ ଏପରି ଏକ ଟୁର୍ନାମେଣ୍ଟ ସଫଳଭାବେ ଆୟୋଜିତ ହୋଇଥିବାରୁ ଏସ୍ପି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ ।

## ଜିଲାରେ ୧୮ କର୍କଟ ରୋଗୀଙ୍କ ଚିକିତ୍ସା ଚାଲିଛି

### ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ କର୍କଟ ଦିବସ ପାଳିତ

ନବରଙ୍ଗପୁର,୪।୨(ବି.ପ୍ର.)

ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ସଭା ଗୃହରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ମଳୟ ତ୍ରିପାଠୀଙ୍କ ଅଧକ୍ଷତାରେ ଏକ ସଚେତନ ସଭା କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ନୀଳମଣି ଦିଲିପ ଚାନ୍ଦ ବେହେରା, ଡକ୍ଟର ଦେବ କୁମାର ଡାକୁଆ, ଡକ୍ଟର ଶିଳ୍ପୀ ଦାସ, ନବରଙ୍ଗପୁର ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ଡକ୍ଟର ରାଧାନାଥ ବେହେରା,



ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ ଅନ୍ୟମାନେ।

ଡିଆଇପିଆର୍ଓ ହଳଧର ନିଆଲ, ଜିଲା ବଣିକ ସଂଘ ସମ୍ପାଦକ ରାକେଶ ଗୁପ୍ତା ପ୍ରମୁଖ ଯୋଗଦେଇ ବିଶ୍ୱ କର୍କଟ ଦିବସ ପାଳନ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଡକ୍ଟର ମଳୟ ତ୍ରିପାଠୀ କର୍କଟ ରୋଗର ଲକ୍ଷଣ ଓ ବିଭିନ୍ନ କାରଣ ସମ୍ପର୍କର ସୂଚନା ଦେଇଥିଲେ। ଡ଼ାକ୍ତର ଡାକୁଆ କର୍କଟ ରୋଗ ହେବାର କାରଣ, ଲକ୍ଷଣ ଓ ତାହାର ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ୩୭ ଜଣ କର୍କଟ ରୋଗରେ ପିଡିତଙ୍କ ପଞ୍ଜିକରଣ ହୋଇଥିବା ବେଳେ ୧୮ଜଣଙ୍କର ଚିକିତ୍ସା ଚାଲୁଛି ବୋଲି ବୈଠକରେ କୁହାଯାଇଛି। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଡିପିଏମ୍ ସୁଶାନ୍ତ ପ୍ରହରାଜ, ହନୁମନ୍ତ ମାଝି, ଡାକ୍ତରଖାନା କର୍ମଚାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ବେସରକାରୀ ଅନୁଷ୍ଠାନ କର୍ମକର୍ତ୍ତା, ନର୍ସିଂ ଛାତ୍ରୀ ଛାତ୍ର ପ୍ରମୁଖ ଯୋଗଦେଇ ଥିଲେ। ଡିପିଏମ ପ୍ରହରାଜ ଧନ୍ୟବାଦ ଦେଇଥିଲେ।

